# NATIONAL NEWS BULLETIN (ODIA)
## 30 September - 2024
## Evening Bulletin : 7.15 p.m.

*********************************

## ମୁଖ୍ୟ ସମ୍ବାଦ

- ଉତ୍ତମ ଆଇନ୍ ଶୃଙ୍ଖଳା ସ୍ଥିତି ବଜାୟ ରହିଲେ ରାଷ୍ଟ୍ରର ସାମାଜିକ ବିକାଶ ସହିତ ଅର୍ଥନୈତିକ ଅଭିବୃଦ୍ଧି ସମ୍ଭବ ହୋଇପାରିବ – କହିଲେ' ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ।
- ଡାକ୍ତରଙ୍କ ପ୍ରତି ହେଉଥିବା ଦୁର୍ବ୍ୟବହାର ଭଳି ଘଟଣାକୁ ନିନ୍ଦା କରିବା ସହିତ ଏଭଳି କାର୍ଯ୍ୟରୁ ନିବୃତ୍ତ ରହିବାକୁ ଦେଶବାସୀଙ୍କୁ ରାଷ୍ଟ୍ରପତିଙ୍କ ଆହ୍ୱାନ ।
- ଝାଡ଼ଖଣ୍ଡରେ ଆସନ୍ତା ବୁଧବାର ୮୩ ହଜାର କୋଟି ଟଙ୍କା ମୂଲ୍ୟ ଅଟକଳର ବିଭିନ୍ନ ବିକାଶ ମୂଳକ ପ୍ରକଳ୍ପର ଶିଳାନ୍ୟାସ ଓ ଲୋକାର୍ପଣ କରିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।
- ଜାମ୍ମୁ କାଶ୍ମୀର ବିଧାନସଭା ନିର୍ବାଚନ ଲାଗି ତୃତୀୟ ତଥା ଅନ୍ତିମ ପର୍ଯ୍ୟାୟ ମତଗ୍ରହଣ ଆସନ୍ତାକାଲି ।

ଏବଂ

- ଦେଶର ନୂତନ ବାୟୁ ସେନା ମୁଖ୍ୟ ଭାବେ ଆଜି ଦାୟିତ୍ୱ ଗ୍ରହଣ କଲେ ଏୟାର୍ ମାର୍ସାଲ୍ ଅମରପ୍ରୀତ ସିଂହ ।

## ରାଷ୍ଟ୍ରପତି-ଆଇପିଏସ୍

ଉତ୍ତମ ଆଇନ୍ ଶୃଙ୍ଖଳା ସ୍ଥିତି ବଜାୟ ରହିଲେ ରାଷ୍ଟ୍ରର ସାମାଜିକ ବିକାଶ ସହିତ ଅର୍ଥନୈତିକ ଅଭିବୃଦ୍ଧି ସମ୍ଭବ ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମତବ୍ୟକ୍ତ କରିଛନ୍ତି । ଆଜି ରାଷ୍ଟ୍ରପତି ଭବନ ଠାରେ ୨୦୨୩ ବ୍ୟାଚ୍‌ର ଭାରତୀୟ ପୋଲିସ୍ ସେବାର ନବନିଯୁକ୍ତ ଅଧିକାରୀଙ୍କୁ ଉଦ୍‌ବୋଧନ ଦେଇ ସେ ଏହା କହିଛନ୍ତି । ଶ୍ରୀମତୀ ମୁର୍ମୁ କହିଛନ୍ତି, ଉତ୍ତମ ଆଇନ୍ ଶୃଙ୍ଖଳା ପରିସ୍ଥିତି ବିନା ନାଗରିକଙ୍କର ଅଧିକାର ସୁରକ୍ଷିତ ରହିପାରିବ ନାହିଁ ଏବଂ ନ୍ୟାୟ ପ୍ରଦାନ ପ୍ରକ୍ରିୟା ମଧ୍ୟ ସୁନିଶ୍ଚିତ କରାଯାଇପାରିବ ନାହିଁ । ଆଇନ୍ ଶୃଙ୍ଖଳା ପରିସ୍ଥିତି କେବଳ ସୁ-ଶାସନର ମୂଳମନ୍ତ୍ର ନୁହେଁ ବରଂ ଏକ ଆଧୁନିକ ଦେଶ ଗଠନ କରିବା ଦିଗରେ ଅତ୍ୟନ୍ତ ମହତ୍ୱପୂର୍ଣ୍ଣ । ତେଣୁ ଆଗାମୀ ଦିନରେ ଭାରତକୁ ପ୍ରଗତିର ନୂତନ ଶିଖରରେ ପହଞ୍ଚାଇବା ଦିଗରେ ଭାରତୀୟ ପୋଲିସ୍ ସେବା ଅଧିକାରୀଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି ବୋଲି ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ମତବ୍ୟକ୍ତ କରିଛନ୍ତି ।

# ରାଷ୍ଟ୍ରପତି-ସମାବର୍ତ୍ତନ ଉତ୍ସବ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି, ଉତ୍ତମ ସ୍ୱାସ୍ଥ୍ୟସେବା ସୁବିଧା ଦେଶର କୋଣଅନୁକୋଣରେ ପହଞ୍ଚାଇବା ଦିଗରେ କେନ୍ଦ୍ର ସରକାର ନିରନ୍ତର ପ୍ରୟାସ ଜାରି ରଖିଛନ୍ତି । ଆଜି ନୂଆଦିଲ୍ଲୀ ସ୍ଥିତ ଅଟଳବିହାରୀ ବାଜପେୟୀ ଭେଷଜ ବିଜ୍ଞାନ ଅନୁଷ୍ଠାନ ଏବଂ ଡକ୍ଟର ରାମମନୋହର ଲୋହିଆ ହସ୍ପିଟାଲ୍‌ର ଦଶମ୍ ସମାବର୍ତ୍ତନ ଉତ୍ସବରେ ଉଦ୍‌ବୋଧନ ଦେଇ ସେ ଏହା କହିଛନ୍ତି । ରାଷ୍ଟ୍ରପତି କହିଛନ୍ତି, ଗତ ୧୦ ବର୍ଷ ମଧ୍ୟରେ ଏ ଦିଗରେ ସରକାରଙ୍କ ପଦକ୍ଷେପ ସ୍ୱରୂପ ଦେଶର ବିଭିନ୍ନ ସ୍ଥାନରେ ଅନେକ ମେଡିକାଲ୍ କଲେଜ୍ ସ୍ଥାପନ କରାଯିବା ସହିତ ଏମ୍.ବି.ବି.ଏସ୍., ସ୍ନାତକ ଓ ସ୍ନାତକୋତ୍ତର ପାଠ୍ୟକ୍ରମ ଲାଗି ସିଟ୍ ସଂଖ୍ୟା ମଧ୍ୟ ବୃଦ୍ଧି କରାଯାଇଛି । ଏହାଛଡ଼ା ଦେଶର ବିଭିନ୍ନ ସ୍ଥାନରେ ନୂତନ ଭାବେ ନିର୍ମାଣ କରାଯାଇଥିବା ଅଖିଳ ଭାରତୀୟ ଭେଷଜ ବିଜ୍ଞାନ ପ୍ରତିଷ୍ଠାନ ଗୁଡ଼ିକରେ ଏମ୍.ବି.ବି.ଏସ୍. ପାଠ୍ୟକ୍ରମ ପଢ଼ା ଆରମ୍ଭ ହୋଇଯାଇଛି । ସରକାରଙ୍କ ଏଭଳି ପଦକ୍ଷେପ ଯୋଗୁଁ ଆଗାମୀ ଦିନରେ ଦେଶବାସୀଙ୍କୁ ଉନ୍ନତମାନର ସେବା ସୁନିଶ୍ଚିତ କରାଯାଇ ପାରିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି ।

ଅନ୍ୟ ପକ୍ଷରେ ଡାକ୍ତରମାନଙ୍କ ପ୍ରତି ହେଉଥିବା ଦୁର୍ବ୍ୟବହାର ଭଳି ଘଟଣା ସ୍ଥିତି ଉପରେ ନିଜର ପ୍ରତିକ୍ରିୟା ରଖି ରାଷ୍ଟ୍ରପତି କହିଛନ୍ତି, ପ୍ରତ୍ୟେକ

ବ୍ୟକ୍ତି ହୃଦୟଙ୍ଗମ କରିବା ଉଚିତ୍ ଯେ ଡାକ୍ତରମାନେ ରୋଗୀଙ୍କ ଜୀବନରକ୍ଷା କରିବା ଦିଗରେ ସମସ୍ତ ପ୍ରକାର ଆବଶ୍ୟକ ପଦକ୍ଷେପ ଗ୍ରହଣ କରିଥାନ୍ତି । ଏହା ସତ୍ତ୍ୱେ ଯଦି କୌଣସି ଅପ୍ରୀତିକର ସ୍ଥିତି ଉପୁଜେ ତେବେ ସେଭଳି କ୍ଷେତ୍ରରେ ଡାକ୍ତର ଏବଂ ସ୍ୱାସ୍ଥ୍ୟ କର୍ମୀଙ୍କ ପ୍ରତି ଖରାପ ବ୍ୟବହାର ପ୍ରଦର୍ଶନ ନ କରିବାକୁ ରାଷ୍ଟ୍ରପତି ଦେଶବାସୀଙ୍କୁ ଆହ୍ୱାନ ଦେଇଛନ୍ତି । ଏଭଳି କ୍ଷେତ୍ରରେ ଡାକ୍ତର ଏବଂ ସ୍ୱାସ୍ଥ୍ୟ କର୍ମୀଙ୍କ ପ୍ରତି ଦୁର୍ବ୍ୟବହାର ପ୍ରଦର୍ଶନ ଅତ୍ୟନ୍ତ ନିନ୍ଦନୀୟ ବୋଲି ଶ୍ରୀମତୀ ମୁର୍ମୁ ମତବ୍ୟକ୍ତ କରିଛନ୍ତି । କୌଣସି ଡାକ୍ତର କେବେ ହେଲେ ରୋଗୀଙ୍କ ପ୍ରତି କୌଣସି କ୍ଷତି ପହଞ୍ଚାଇବାକୁ ଚାହାନ୍ତି ନାହିଁ । ମାତ୍ର କେତେକ ସ୍ଥାନରେ ବିଜ୍ଞାନ ହାତରେ ମଧ୍ୟ ସବୁ ସମସ୍ୟାର ସମାଧାନ ନ ଥାଏ ବୋଲି ରାଷ୍ଟ୍ରପତି ମତବ୍ୟକ୍ତ କରିଛନ୍ତି । ଏହି ସମାବର୍ତ୍ତନ ଉତ୍ସବରେ ସ୍ୱାସ୍ଥ୍ୟ ମନ୍ତ୍ରୀ ଜେ.ପି. ନଡ୍ଡା ମଧ୍ୟ ଉପସ୍ଥିତ ଥିଲେ ।

## ପ୍ରଧାନମନ୍ତ୍ରୀ-ଝାଡ଼ଖଣ୍ଡ ଗସ୍ତ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାମାସ ୨ ତାରିଖରେ ଝାଡ଼ଖଣ୍ଡ ଗସ୍ତ କରି ୮୩ ହଜାର କୋଟି ଟଙ୍କା ମୂଲ୍ୟ ଅଟକଳର ବିଭିନ୍ନ ବିକାଶ ମୂଳକ ପ୍ରକଳ୍ପର ଶିଳାନ୍ୟାସ ଓ ଲୋକାର୍ପଣ କରିବେ । ଏହି ଗସ୍ତ ଅବସରରେ ପ୍ରଧାନମନ୍ତ୍ରୀ ହଜାରିବାଗ୍ ଠାରେ 'ଧର୍ତି ଆବା ଜନଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନ'ର ଶୁଭାରମ୍ଭ କରିବେ । ୭୯ ହଜାର କୋଟିରୁ ଉର୍ଦ୍ଧ୍ୱ

ଟଙ୍କା ବ୍ୟୟ ଅଟକଳରେ ଆରମ୍ଭ ହେବାକୁ ଥିବା ଏହି ଅଭିଯାନ ଦ୍ୱାରା ୬୩ ହଜାର ଗ୍ରାମର ୫ କୋଟିରୁ ଊର୍ଦ୍ଧ୍ୱ ଜନଜାତି ବର୍ଗର ଲୋକ ଉପକୃତ ହୋଇପାରିବେ । ଏହି ଯୋଜନା ଦେଶର  ୫୪୯ଟି ଜିଲ୍ଲା ଅନ୍ତର୍ଗତ ୨ହଜାର ୭୪୦ଟି ବ୍ଲକ୍‌ରେ କାର୍ଯ୍ୟକାରୀ କରାଯାଉଛି ।

ଏହାଛଡ଼ା ଶ୍ରୀ ମୋଦୀ ୪୦ଟି ଏକଲବ୍ୟ ବିଦ୍ୟାଳୟର ଉଦ୍‌ଘାଟନ କରିବେ । ଏଥିସହ ୨ହଜାର ୮୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାରେ ନିର୍ମିତ ହେବାକୁ ଥିବ ଅନ୍ୟ ୨୫ଟି ଏକଲବ୍ୟ ବିଦ୍ୟାଳୟ ଲାଗି ଶିଳାନ୍ୟାସ କରିବେ । ସେହିଭଳି ପ୍ରଧାନମନ୍ତ୍ରୀ ଜନଜାତି ଆଦିବାସୀ ନ୍ୟାୟ ମହାଅଭିଯାନ ଅଧୀନରେ ଶ୍ରୀ ମୋଦୀ ୧ ହଜାର ୩୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ହୋଇଥିବା କେତେକ ପ୍ରକଳ୍ପର ଲୋକାର୍ପଣ କରିବା ସହିତ ଅନ୍ୟ କେତେକ ଲାଗି ଶିଳାନ୍ୟାସ କରିବେ । ଏହି ଯୋଜନା ଅଧୀନରେ ସଡ଼କ, ଅଙ୍ଗନବାଡ଼ି, ବହୁମୁଖୀ କେନ୍ଦ୍ର, ବିଦ୍ୟାଳୟ, ଛାତ୍ରାବାସ ପ୍ରକଳ୍ପ ଆଦି ଅନ୍ତର୍ଭୁକ୍ତ ।

ଏହାଛଡ଼ା ଏହି ଯୋଜନା ଅଧୀନରେ ଶ୍ରୀ ମୋଦୀ ୩ହଜାର ଗ୍ରାମରେ ବସବାସ କରୁଥିବା ୭୫ ହଜାର ୮୦୦ ବିଶେଷ ଦୁର୍ବଳ ଜନଜାତି ସମ୍ପ୍ରଦାୟ ବ୍ୟକ୍ତିଙ୍କ ପରିବାରଙ୍କୁ ବିଦ୍ୟୁତ୍ ସଂଯୋଗ ପ୍ରକଳ୍ପର ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି ।

# ଜେକେ-ନିର୍ବାଚନ

ଜାମ୍ମୁ କାଶ୍ମୀର ବିଧାନସଭା ନିର୍ବାଚନ ଲାଗି ତୃତୀୟ ତଥା ଅନ୍ତିମ ପର୍ଯ୍ୟାୟ ମତଗ୍ରହଣ ଆସନ୍ତାକାଲି ଅନୁଷ୍ଠିତ ହେବ । ଏଥିଲାଗି ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ହୋଇଛି । ଏହି ପର୍ଯ୍ୟାୟରେ ଆସନ୍ତାକାଲି ୭ଟି ଜିଲ୍ଲାର ୪୦ଟି ବିଧାନସଭା ମଣ୍ଡଳୀରେ ମତଗ୍ରହଣ କରାଯିବ । ସେଥିମଧ୍ୟରେ କାଶ୍ମୀର ଅଞ୍ଚଳର ୧୬ଟି ଏବଂ ଜାମ୍ମୁ ଅଞ୍ଚଳର ୨୪ଟି ବିଧାନସଭା ଆସନ ରହିଛି । ଏହି ପର୍ଯ୍ୟାୟରେ ଅଣଚାଳିଶ ଲକ୍ଷ ୧୮ହଜାରରୁ ଅଧିକ ମତଦାତା ୪୧୫ଜଣ ପ୍ରାର୍ଥୀଙ୍କ ରାଜନୈତିକ ଭାଗ୍ୟ ନିର୍ଦ୍ଧାରଣ କରିବେ । ସକାଳ ୭ଟାରୁ ଭୋଟଗ୍ରହଣ ଆରମ୍ଭ ହୋଇ ସଂଧ୍ୟା ୬ଟା ପର୍ଯ୍ୟନ୍ତ ଚାଲିବ ।

ଶାନ୍ତିପୂର୍ଣ୍ଣ ଏବଂ ସ୍ୱଚ୍ଛ ଓ ଅବାଧ ନିର୍ବାଚନ ଲକ୍ଷ୍ୟରେ ସେଠାରେ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି । ଏହି ପର୍ଯ୍ୟାୟ ନିର୍ବାଚନର ଅବ୍ୟବହିତ ପୂର୍ବରୁ ଆଜି କାଠୁଆ ଓ ରାଜୌରୀ ଜିଲ୍ଲାର ଯେଉଁସବୁ ସ୍ଥାନରେ ସମ୍ପ୍ରତି ସନ୍ତ୍ରାସବାଦୀଙ୍କ ସହ ସୁରକ୍ଷାକର୍ମୀଙ୍କ ଏନ୍‌କାଉଣ୍ଟର ହୋଇଥିଲା ସେହିସବୁ ସ୍ଥାନରେ ସର୍ଚ୍ଚ ଅପରେସନ୍ ଜାରି ରହିଛି । ଆମ ସମ୍ବାଦଦାତା ଜଣାଇଛନ୍ତି, ଗତକାଲି ସନ୍ଧ୍ୟାରେ ରାଜୌରୀ ଜିଲ୍ଲାର ଥାନାମଣ୍ଡି ଉପଖଣ୍ଡ ଅନ୍ତର୍ଗତ ମନିହାଲ ଗଳି ଅଞ୍ଚଳରେ ସୁରକ୍ଷାକର୍ମୀ ଓ

ସନ୍ତ୍ରାସବାଦୀଙ୍କ ମଧ୍ୟରେ ଗୁଳିବିନିମୟ ହୋଇଛି । ସେହିଭଳି ଶନିବାର ସନ୍ଧ୍ୟାରେ ମଧ୍ୟ କାଠୁଆ ଜିଲ୍ଲାର କଗ-ମଣ୍ଡଲି ଜଙ୍ଗଲ ଗ୍ରାମରେ ଅନୁରୂପ ଘଟଣାରେ ଜଣେ ପୁଲିସ୍ କର୍ମୀ ସହିଦ୍ ହୋଇଥିବା ବେଳେ ଜଣେ ସନ୍ତ୍ରାସବାଦୀ ନିହତ ହୋଇଛି ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି ।

୩ଟି ପର୍ଯ୍ୟାୟରେ ଅନୁଷ୍ଠିତ ହେଉଥିବା ଜାମ୍ମୁକାଶ୍ମୀର ବିଧାନସଭା ନିର୍ବାଚନରେ ପ୍ରଥମ ପର୍ଯ୍ୟାୟାରେ ୬୧ପ୍ରତିଶତ ମତଦାତା ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ୫୬ପ୍ରତିଶତ ମତଦାତା ସେମାନଙ୍କର ମତାଧିକାର ସାବ୍ୟସ୍ତ କରିଥିଲେ । ଆସନ୍ତା ୮ ତାରିଖ ଦିନ ଭୋଟ୍‌ଗଣତି ସହ ଫଳାଫଳ ଘୋଷଣା କରାଯିବ ।

# ଅମର ସିଂହ-ବାୟୁସେନା ମୁଖ୍ୟ

ଏୟାର୍ ମାର୍ସାଲ୍ ଅମରପ୍ରୀତ ସିଂହ ଆଜି ଦେଶର ନୂତନ ବାୟୁ ସେନା ମୁଖ୍ୟ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ୨୦୨୩ ଫେବୃୟାରୀ ମାସରୁ ସେ ବାୟୁସେନାର ଉପମୁଖ୍ୟ ରୂପେ କାର୍ଯ୍ୟ କରି ଆସୁଥିଲେ । ୧୯୮୪ ମସିହା ଡିସେମ୍ବର ମାସରେ ଶ୍ରୀ ସିଂହ ଭାରତୀୟ ବାୟୁସେନାରେ ଯୋଗଦେଇଥିଲେ । ବାୟୁସେନାରେ ୪୦ ବର୍ଷର ସେବା ଅବଧି ସମୟରେ ସେ ଜାତୀୟ ବିମାନ ପରୀକ୍ଷା କେନ୍ଦ୍ରର ପ୍ରକଳ୍ପ ନିର୍ଦ୍ଦେଶକ ପଦ

ସମେତ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ରହି ସଫଳତାର ସହ ନିଜ ଦାୟିତ୍ୱ ନିର୍ବାହ କରିଛନ୍ତି ।

## ଝାଡ଼ଖଣ୍ଡ-ପୋଷଣ

ଝାଡ଼ଖଣ୍ଡ ରାଜ୍ୟପାଳ ସନ୍ତୋଷ କୁମାର ଗଙ୍ଗୱାର୍ ଏବଂ କେନ୍ଦ୍ର ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀ ଆଜି ରାଞ୍ଚି ଠାରେ ଭର୍ଚୁଆଲ୍ ମାଧ୍ୟମରେ ଦେଶବ୍ୟାପି ୧୧ହଜାର ସକ୍ଷମ ଅଙ୍ଗନବାଡ଼ି କେନ୍ଦ୍ର ଉଦ୍‌ଘାଟନ କରିଛନ୍ତି । ଦେଶ ବ୍ୟାପି ପାଳନ କରାଯାଉଥିବା ରାଷ୍ଟ୍ରୀୟ ପୋଷଣ ମାସର ସପ୍ତମ ସଂସ୍କରଣର ସମାବର୍ତ୍ତନ ସମାରୋହରେ ଉଦ୍‌ବୋଧନ ଦେଇ କେନ୍ଦ୍ର ମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀ କହିଛନ୍ତି, ଦେଶରୁ ଅପପୁଷ୍ଟିର ମୂଳୋତ୍ପାଟନ ଦିଗରେ ଅତିରିକ୍ତ ସୁଷମ ଖାଦ୍ୟ ଗ୍ରହଣ କରିବା, ରକ୍ତହୀନତା ସମ୍ପର୍କରେ ଜନସଚେତନତା ସୃଷ୍ଟି କରିବା, ବୈଷୟିକ ଜ୍ଞାନକୌଶଳ ଭିତ୍ତିକ ପଦକ୍ଷେପ ଗ୍ରହଣ କରିବା ସହିତ 'ପୋଷଣ ଭି ପଢ଼ାଇ ଭି' ବାର୍ତ୍ତାର ସଫଳତା ଲୋକଙ୍କ ନିକଟରେ ପହଞ୍ଚାଇବା ହେଉଛି ଏହି ପୋଷଣ ମାସ ପାଳନର ମୁଖ୍ୟ ଉଦ୍ଦେଶ୍ୟ । ଦେଶର ସମସ୍ତ ଅଙ୍ଗନବାଡ଼ି କର୍ମୀଙ୍କୁ ଆୟୁଷ୍ମାନ୍ ଭାରତ ଯୋଜନାରେ ସାମିଲ କରାଯାଇଛି ବୋଲି କେନ୍ଦ୍ର ମନ୍ତ୍ରୀ ଏହି ଅବସରରେ ଘୋଷଣା କରିଛନ୍ତି ।

# ମିଥୁନ-ଦାଦାସାହେବ ଫାଲକେ

ଲୋକପ୍ରିୟ ଚଳଚ୍ଚିତ୍ର ଅଭିନେତା ମିଥୁନ ଚକ୍ରବର୍ତ୍ତୀଙ୍କୁ ଦାଦାସାହେବ ଫାଲ୍‌କେ ପୁରସ୍କାରରେ ସମ୍ମାନିତ କରାଯିବ । ଆସନ୍ତା ମାସରେ ହେବାକୁ ଥିବା ୭୦ତମ ରାଷ୍ଟ୍ରୀୟ ଚଳଚ୍ଚିତ୍ର ପୁରସ୍କାର ମହୋତ୍ସବରେ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯିବ । ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଏହି ଘୋଷଣା କରିଛନ୍ତି । ସେ କହିଛନ୍ତି କୋଲକାତାର ରାସ୍ତାରୁ ଆରମ୍ଭ କରି ଚଳଚ୍ଚିତ୍ର ଜଗତର ଶୀର୍ଷସ୍ଥାନରେ ପହଞ୍ଚିଥିବା ମିଥୁନ ଦା'ଙ୍କ ସଂଘର୍ଷ ଓ ଉପଲବ୍ଧିର କଥା ପରବର୍ତ୍ତୀ ପିଢ଼ୀକୁ ପ୍ରେରଣା ଯୋଗାଇବ । ଭାରତୀୟ ଚଳଚ୍ଚିତ୍ର ଜଗତରେ ମିଥୁନ ଚକ୍ରବର୍ତ୍ତୀଙ୍କ ଅବଦାନ ଅତୁଳନୀୟ । ସେଥିପାଇଁ ତାଙ୍କୁ ଏହି ପୁରସ୍କାରରେ ସମ୍ମାନିତ କରାଯିବା ଲାଗି ନିଷ୍ପତ୍ତି ଗ୍ରହଣ କରାଯାଇଛି ।

ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବର୍ଷିୟାନ୍ ଅଭିନେତା ମିଥୁନ୍ ଚକ୍ରବର୍ତ୍ତୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ସେ କହିଛନ୍ତି, ମିଥୁନ୍ ଚକ୍ରବର୍ତ୍ତୀଙ୍କୁ ସମ୍ମାନନୀୟ ଦାଦାସାହେବ ଫାଲ୍‌କେ ଆୱାର୍ଡ୍‌ରେ ପୁରସ୍କୃତ କରାଯିବା ଖବର ପାଇ ସେ ଅତ୍ୟନ୍ତ ଆନନ୍ଦିତ । ଏହାଦ୍ୱାରା ଭାରତୀୟ ସିନେମା ପ୍ରତି ମିଥୁନ୍ ଚକ୍ରବର୍ତ୍ତୀଙ୍କର ରହୁଥିବା ଅତୁଳନୀୟ ଅବଦାନକୁ ସ୍ୱୀକୃତି ଦେବାରେ ସଫଳତା ମିଳିଛି ।

ନିଜର ଉଚ୍ଚକୋଟିର ଅଭିନୟ ଲାଗି ଶ୍ରୀ ଚକ୍ରବର୍ତ୍ତୀ ସବୁ ପିଢ଼ିଙ୍କ ଲାଗି ପ୍ରେରଣାର ଉତ୍ସ ହୋଇ ରହିବେ ବୋଲି ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଛନ୍ତି ।

ପୁରସ୍କାର ଘୋଷଣା ପରେ ଅଭିନେତା ମିଥୁନ ଚକ୍ରବର୍ତ୍ତୀ ସମ୍ବାଦଦାତାମାନଙ୍କୁ କହିଛନ୍ତି ଏହି ପୁରସ୍କାର ତାଙ୍କୁ ମିଳିଥିବାରୁ ସେ ଅତ୍ୟନ୍ତ ଆନନ୍ଦିତ । ଏହାକୁ ସେ ନିଜ ପରିବାର ଓ ସମର୍ଥକଙ୍କୁ ସମର୍ପଣ କରୁଛନ୍ତି ବୋଲି ଶ୍ରୀ ଚକ୍ରବର୍ତ୍ତୀ କହିଛନ୍ତି ।

# କ୍ରିକେଟ୍

କାନ୍‌ପୁରର ଗ୍ରୀନ୍‌ପାର୍କରେ ଚାଲିଥିବା ଦ୍ୱିତୀୟ ତଥା ଅନ୍ତିମ ଟେଷ୍ଟ କ୍ରିକେଟ୍ ମ୍ୟାଚ୍‌ର ଆଜି ଚତୁର୍ଥ ଦିନ ଖେଳ ଶେଷ ସୁଦ୍ଧା ବାଂଲାଦେଶ ଏହାର ଦ୍ୱିତୀୟ ଇନିଂସରେ ଭାରତ ବିପକ୍ଷରେ ୨ ୱିକେଟ୍ ହରାଇ ୨୬ରନ୍ କରିଛି । ଭାରତ ପକ୍ଷରୁ ରବିଚନ୍ଦ୍ରନ୍ ଅଶ୍ୱିନ୍ ୨ଟି ଯାକ ୱିକେଟ୍ ଅକ୍ତିଆର କରିଛନ୍ତି । ବାଂଲାଦେଶ ପ୍ରଥମ ଇନିଂସର ସ୍କୋର ୩ୱିକେଟ୍‌ରେ ୧୦୭ରନ୍‌ରୁ ଆଜି ଖେଳ ଆରମ୍ଭ କରି ୨୩୩ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଥିଲା । ବାଂଲାଦେଶ ପକ୍ଷରୁ ମୋମିନୁଲ୍ ହକ୍ ସର୍ବାଧିକ ୧୦୭ରନ୍ କରିଥିଲେ । ଭାରତ ପକ୍ଷରୁ ଯଶପ୍ରୀତ ବୁମ୍‌ରା ୩ଟି ୱିକେଟ୍ ଅକ୍ତିଆର କରିଥିବା ବେଳେ ଶିରାଜ, ଅଶ୍ୱିନ୍ ଓ ଆକାଶ ଦୀପ ୨ଟି ଲେଖାଏଁ ୱିକେଟ୍ ପାଇଛନ୍ତି । ଭାରତ ପ୍ରଥମ ଇନିଂସରେ ୯ ୱିକେଟ୍

ହରାଇ ୨୮୫ରନ୍ କରି ପାଳି ସମାପ୍ତି ଘୋଷଣା କରିଛି । ଏଥିସହିତ ଭାରତ ପ୍ରଥମ ଇନିଂସରେ ୫୨ରନ୍‌ର ଅଗ୍ରଣୀ ଲାଭ କରିଛି । ଏହି ମ୍ୟାଚ୍‌ର ଦ୍ୱିତୀୟ ଓ ତୃତୀୟ ଦିନ ବର୍ଷା ଲାଗି ବାତିଲ ହୋଇଯାଇଥିଲା ।